ISSN -2583-147X(P), **Vol.- 8, Issue No.XII, March 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଭାଷାବିତ ପଣ୍ଡିତ ମୃତ୍ୟୁଞ୍ଜୟ ରଥ

**ଡକ୍ଟର ଆଶୁତୋଷ ରାଉତ**

ବାଣୀଭୂଷଣ ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଓଡ଼ିଆ ଭାଷା-ସାହିତ୍ୟରେ ଜଣେ କୃତିମାନ ସ୍ରଷ୍ଟା । ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ଓ ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକର ପୃଷ୍ଠଭୂମିରେ ସଂକଟାପନ୍ନ ଓଡ଼ିଆ ଭାଷାଚର୍ଚ୍ଚାରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କର ମୌଳିକତା ଉଲ୍ଲେଖନୀୟ । ସେ ପୁରୀ ଜିଲ୍ଲାର ଭାର୍ଗବୀ ନଦୀ ତୀରବର୍ତ୍ତୀ ଦକ୍ଷିଣ ରାଜସ ଗ୍ରାମରେ ୧୮୮୨ ମସିହା ମେ ମାସ ୧୪ ତାରିଖ ସୋମବାର ଦିନ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଦାମୋଦର ରଥ ଏବଂ ମାତାଙ୍କର ନାମ କମଳାଦେବୀ । ମୁଖ୍ୟ ଭାବରେ ଚାଷ ଓ ଗୌଣ ଭାବରେ ପୌରହିତ୍ୟ ତାଙ୍କ ବଂଶର ଥିଲା କୌଳିକ ବୃତ୍ତି । ଶିଶୁ ବୟସରେ ତାଙ୍କର ପଢ଼ାପଢ଼ି ପ୍ରତି ବିଶେଷ ଆଗ୍ରହ ପ୍ରକାଶ ପାଇଥିଲା । ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ପଢ଼ି ସେ ପରୀକ୍ଷା ଦେଉଥିଲେ ଏବଂ ଛାତ୍ରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରୁଥିଲେ । 'କଟକ ଟ୍ରେନିଂ ସ୍କୁଲ'ର ଶିକ୍ଷକ ଓ ଛାତ୍ରଙ୍କୁ ନେଇ ୧୮୯୫ ମସିହାରେ ସଂଗଠିତ ହୋଇଥିବା 'ଆଲୋଚନା ସଭା'ର ସେ ଥିଲେ ସଂପାଦକ । 'ଆଲୋଚନା ସଭା' ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୦୩ ମସିହା ମେ ମାସ ସାତ ତାରିଖରୁ 'ଉତ୍କଳ ସାହିତ୍ୟ ସମାଜ' ନାମରେ ରୂପାନ୍ତରିତ ହୋଇଥିଲା । ପଣ୍ଡିତ ରଥଙ୍କର ସାହିତ୍ୟାନୁରାଗ ତଥା ଲେଖାରେ ମୁଗ୍ଧ ହୋଇ ମଧୁସୂଦନ ରାଓ ଓ ରାଧାନାଥ ରାୟଙ୍କ ସୁପାରିଶ କ୍ରମେ ୧୯୦୪ ମସିହାରେ ତାଙ୍କୁ 'ବାଣୀଭୂଷଣ' ଉପାଧିରେ ଭୂଷିତ କରାଯାଇଥିଲା । ତାଙ୍କର ଏହି ପାଣ୍ଡିତ୍ୟ ଓ ଅଧ୍ୟବସାୟ ଅନେକଙ୍କୁ ଈର୍ଷାନ୍ୱିତ କରିଥିଲା । ଈର୍ଷାଳୁମାନଙ୍କ ମତରେ ଅମଙ୍ଗଳସୂଚକ ବାରକୁ ଯେପରି ମଙ୍ଗଳବାର ନାମ ଦିଆ ଯାଇଅଛି, ସେହିପରି ଅବାଣୀଭୂଷଣଙ୍କୁ 'ବାଣୀଭୂଷଣ' ପଦ ପ୍ରଦାନ କରାଯାଇଛି । ଆଉ କେହି କେହି କହିଲେ, ମୃତ୍ୟୁଞ୍ଜୟ ଉପାଧି ପରୀକ୍ଷାରେ ପାଶ୍ କରି ଉପାଧି ପାଇ ପାରିବେ ନାହିଁ ଦେଖି ଏପରି କୌଶଳରେ ଗୋଟାଏ 'କାଠଯୋଡ଼ି କୂଳିଆ' ଉପାଧି ନେଲେ । ଅର୍ଥାତ୍ 'ବାଣୀଭୂଷଣ' ଉପାଧିକୁ 'କାଠଯୋଡ଼ି କୂଳିଆ' ଉପାଧି କହି ବିଦ୍ରୂପ କରୁଥିଲେ ।

ଭାଷାବିତ ରଥ ପ୍ରଥମେ କଟକର ପ୍ୟାରୀମୋହନ ଏକାଡ଼େମୀ ବିଦ୍ୟାଳୟରେ ଅସ୍ଥାୟୀ ଡ୍ରଇଁ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ । ପରେ ଭିକ୍ଟୋରିଆ ସ୍କୁଲ୍‌ରେ ଶିକ୍ଷକ ଓ ୧୯୦୫ ଫେବୃଆରୀ ମାସରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଲେ । ତାଙ୍କର ଧାରଣା ଥିଲା ଯେ, ସଂସ୍କୃତ ଜ୍ଞାନ ବିନା ଭାରତୀୟ ସଂସ୍କୃତିରେ ପ୍ରବେଶ ଅସମ୍ଭବ । ତେଣୁ ସେ ସଂସ୍କୃତକୁ ଭଲ ଭାବରେ ପଢୁଥିଲେ । ୧୯୦୬ ମସିହାରେ ବିହାର, ଓଡ଼ିଶା ଓ ଛୋଟ ନାଗପୁରର ସମସ୍ତ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ସଂସ୍କୃତ କାବ୍ୟୋପାଧି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କଲେ । ହାଣ୍ଡରସନ୍ ସାହେବ ପଣ୍ଡିତ ରଥଙ୍କୁ ୧୯୧୯ ମସିହାରେ କଟକ ଟ୍ରେନିଂ ସ୍କୁଲ୍‌ର ହେଡ୍ ପଣ୍ଡିତ ଭାବେ ନିଯୁକ୍ତି ଦେଲେ । ୧୯୨୧ ମସିହା ଜାନୁଆରୀ ମାସରୁ ପଣ୍ଡିତ ରଥ କଲିଜିଏଟ୍ ସ୍କୁଲ୍‌କୁ ବଦଳି ହୋଇ ୧୯୨୪ ମସିହା ଏପ୍ରିଲ ମାସ ଦଶ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଅତ୍ୟଧିକ ପରିଶ୍ରମ ତାଙ୍କ କର୍ମମୟ ଜୀବନର ଏକ ବିଶିଷ୍ଟ ଲକ୍ଷଣ ଥିଲା ।

ପଣ୍ଡିତ ରଥଙ୍କ ପାରିବାରିକ ଜୀବନ ସୁଖମୟ ନଥିଲା । ସେ ମାତ୍ର ବାର ବର୍ଷ ଦାମ୍ପତ୍ୟ ଜୀବନ ବିତାଇ ପାରିଥିଲେ । କାରଣ ୧୯୧୨ ମସିହାରେ ହଇଜା ରୋଗରେ ଆକସ୍ମିକ ଭାବେ ତାଙ୍କର ସ୍ତ୍ରୀ ଓ ଜ୍ୟେଷ୍ଠ ପୁତ୍ର ମୃତ୍ୟୁମୁଖରେ ପଡ଼ିଲେ । ତାଙ୍କ ବନ୍ଧୁମାନଙ୍କୁ ଏହି ଦୁଃଖ ଖବର ଜଣାଇ ସେ କାନ୍ଦି ପକାଇ କହୁଥିଲେ- *"ଭାଇ, ପୁତ୍ର ସହିତେ ପତ୍ନୀ ମଲା / ସର୍ବ ସମ୍ପଦ ମୋର ଗଲା ।"* ତଥାପି ସେ ଧୈର୍ଯ୍ୟର ସହ ଓଡ଼ିଆ ଭାଷା-ସାହିତ୍ୟ କ୍ଷେତ୍ରରେ ଯୁକ୍ତ ରହିଥିଲେ । ମାତ୍ର ୪୨ ବର୍ଷ ବୟସରେ ଅର୍ଥାତ ୧୯୨୪ ମହିହା

ଏପ୍ରିଲ ମାସ ୧୦ ତାରିଖ ଗୁରୁବାର ଦିନ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ତାଙ୍କ ସଂପର୍କରେ ଡ. କୁଞ୍ଜବିହାରୀ ଦାଶ କହିଥିଲେ- *"ମୃତ୍ୟୁଞ୍ଜୟ ସମୀକ୍ଷକ ଓ ଗବେଷକମାନଙ୍କର ଚିର ସ୍ମରଣୀୟ । ତାଙ୍କ ଜୀବନ ସ୍ମରଣ ମାତ୍ରେ ପଦଟିଏ କବିତା ମନରେ ଆସେ –*

*ଯେତେ ଅଶ୍ରୁଧାର*
*କରିଥିଲ ହୃଦୟର ହାର*
*କରି ସେ ପାରିଲା ନାହିଁ*
*ପଙ୍କିଳ ତ ସାଧନାର ପଥ*
*ଚାଲିଗଲା ଗଡ଼ ପରେ ଗଡ଼ଜୟୀ*
*ମୃତ୍ୟୁଞ୍ଜୟ ରଥ ।"* (ଜୀବନାୟନ, ପୃଷ୍ଠା-୧୬୩)

ପଣ୍ଡିତ ରଥ ଏକାଧାରାରେ ଜଣେ ଶିକ୍ଷକ, ଅନୁବାଦକ, ପାଠ୍ୟ ପୁସ୍ତକ ରଚୟିତା, କବି, ଭାଷାବିତ, ପ୍ରତ୍ନତତ୍ତ୍ୱବିତ, ଜୀବନୀକାର, ଔପନ୍ୟାସିକ, ପ୍ରାବନ୍ଧିକ, ଟିପ୍‌ପଣୀକାର, ସମାଲୋଚକ ଓ ସଂପାଦକ ଥିଲେ । ତାଙ୍କ ସୃଷ୍ଟି ସମଗ୍ରକୁ ନିମ୍ନୋକ୍ତ ଛଅ ଭାଗରେ ବିଭକ୍ତ କରାଯାଇପାରେ ।

**(୧) ପାଠ୍ୟ ପୁସ୍ତକ –**

'ପ୍ରବନ୍ଧ ପାଠ' (୧୯୦୭), 'ସାହିତ୍ୟ ପାଠ', 'ନାରୀ ଦର୍ପଣ' (ପ୍ରଥମ ଖଣ୍ଡ ଓ ଦ୍ୱିତୀୟ ଖଣ୍ଡ-୧୯୧୭), 'ସୁଖବୋଧ ବ୍ୟାକରଣ' (୧୯୧୭), 'ରସାବଳୀ' (୧୯୨୦), 'ସରଳ ଓଡ଼ିଆ ଅଭିଧାନ', 'ଓଡ଼ିଆ ରଚନା ଓ ଅନୁବାଦ' (୧୯୨୧), ଓଡ଼ିଆ ପକେଟ୍ ଅଭିଧାନ (୧୯୨୫) ।

**(୨) ଭାଷାତତ୍ତ୍ୱ -**

'ମୂଳ ଶବ୍ଦବୋଧିକା' (୧୯୦୧), 'ଧ୍ୱନ୍ୟାତ୍ମକ ଭାଷା', 'ଭାଷା ରହସ୍ୟ', 'ଓଡ଼ିଆ ଭାଷାର ମୂଳ', 'ଶବ୍ଦ ରହସ୍ୟ', 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ', 'ଗ୍ରାମ୍ୟ ଭାଷା', 'ଶବ୍ଦାର୍ଥ ଚର୍ଚ୍ଚା', 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି' ,'ଖଣ୍ଡିଏ ପତ୍ର' ।

**(୩) ପ୍ରତ୍ନତତ୍ତ୍ୱ –**

'ନରସିଂହ ଦେବଙ୍କ ତାମ୍ରଶାସନ', 'ଚାଟେଶ୍ୱର ଶିଳାଲିପି', 'ଜଗନ୍ନାଥ ଶିଳାଲିପି', 'ପୁରାତନ ପୋଥି', 'ଓଡ଼ିଆ ପୋଥି', 'ପ୍ରାଚୀନ ଭୂଗୋଳ', 'ଉତ୍କଳ ପତ୍ରିକା: ଉନବିଂଶ ଶତାବ୍ଦୀ' (୧୯୨୦) ।

**(୪) ଜୀବନ ଚରିତ -**

ଆଦିକବି ଶାରଳା ଦାସ' (୧୯୧୧) ପରେ 'ଶାରଳା ଚରିତ' ନାମରେ ପ୍ରକାଶିତ, 'କର୍ମଯୋଗୀ ଗୌରୀଶଙ୍କର' (୧୯୨୫), 'ଅଚ୍ୟୁତାନନ୍ଦ ଦାସ', 'ବ୍ରହ୍ମଙ୍କ ମଧୁସୂଦନ', 'ଈଶ୍ୱରଚନ୍ଦ୍ର ବିଦ୍ୟାସାଗର', 'ଅଭିମନ୍ୟୁ ସାମନ୍ତସିଂହାର', 'ଦୀନକୃଷ୍ଣ ଦାସ' ।

**(୫) ଅନୁବାଦ (ସଂସ୍କୃତରୁ) -**

**କାବ୍ୟ ବା କାବ୍ୟାଂଶ –** 'କୁମାର ସମ୍ଭବ' (୧୯୧୫), 'ଅଜ ବିଳାପ', 'ରତି ବିଳାପ' ।

**ନାଟକ–** 'ମୃଚ୍ଛ କଟିକ', 'ବିକ୍ରମୋର୍ବଶୀ' (୧୯୦୯), 'ମୁଦ୍ରାରାକ୍ଷାସ' (୧୯୧୦), 'ମାଳତୀ ମାଧବ' (୧୯୧୬), 'ଉତ୍ତର ରାମ ଚରିତ' (ଆଂଶିକ ଭାବେ ପଞ୍ଚମ ଅଙ୍କରୁ ଶେଷ ପର୍ଯ୍ୟନ୍ତ) ।

**ଗଳ୍ପ-** 'କଥା ସରିତ ସାଗର' (କିୟଂଦଶ ଅନୁବାଦ) ।

**(୬) ସାଧାରଣ ସାହିତ୍ୟ -**

**ଖଣ୍ଡ କବିତା-** 'ନିଭୃତ ନିଳୟ' (୧୯୧୩)

**କାବ୍ୟ–** 'ନରାଜ' (୧୯୧୦,୧୯୨୮)

**ଶିଶୁ କବିତା –** 'ମଶା ଓ ମହୁମାଛି', 'କୁନି', 'ବେଙ୍ଗ ରଜା'

**ଉପନ୍ୟାସ –** 'ଅଦ୍ଭୁତ ପରିଣାମ' (୧୯୧୫)

**ପ୍ରବନ୍ଧ -** 'ଚାଟଶାଳୀ', 'ଚତୁଷ୍ପାଠୀ'

**ସମାଲୋଚନା–** 'ପ୍ରାଚୀନ ଓଡ଼ିଆ ସାହିତ୍ୟ', 'ଅରକ୍ଷିତ ଓ ମହିମଣ୍ଡଳ ଗୀତା','କବିବର ରାଧାନାଥ'

**ସଂପାଦନା –** 'ଉତ୍କଳ ରଚନା' (ରାଧାନାଥ ରାୟ ପ୍ରଣୀତ)

**ଟିପ୍‌ପଣୀ –** 'ଶୁଭସ୍ତମ୍ଭ', 'ଚିତ୍ରୋତ୍ପଳା', 'ମହାବିନାୟକ', 'ଚଣ୍ଡିଖୋଲ', 'ଧଉଳିଗିରି', 'ରତ୍ନଗିରି', 'ଉଦୟଗିରି', 'ବିରଜାକ୍ଷେତ୍ର', 'ଛତିଆ', 'ସପ୍ତମାତୃକା ମନ୍ଦିର','ଲେମ୍ୱାଳ ଗାଦି', 'ଝାଡ଼େଶ୍ୱର', 'ଅଶ୍ୱତ୍ଥାମା ପାହାଡ଼', 'କୌଶଲ୍ୟାଗଙ୍ଗ', 'ଦଶପଲ୍ଲୀ', 'ନୀଳମାଧବ' ଇତ୍ୟାଦି ।

ଭାଷାବିତ୍ ରଥଙ୍କର ଭାଷା ସମ୍ପର୍କିତ ସମୁଦାୟ ରଚନା ସତରଟି । ସେଗୁଡ଼ିକ ଯଥାକ୍ରମେ- ମୂଳ 'ଶବ୍ଦବୋଧିକା' (୧୯୦୧), 'ଶବ୍ଦାର୍ଥ ଚର୍ଚ୍ଚା' (୧୯୦୨), 'ଭାଷା ରହସ୍ୟ'

(୧୯୦୩), 'ଗ୍ରାମ୍ୟ ଭାଷା' (୧୯୦୩), 'ଧ୍ୱନ୍ୟାତ୍ମକ ଭାଷା' (୧୯୦୩), 'ଖଣ୍ଡିଏ ପତ୍ର' (୧୯୦୩), 'ଓଡ଼ିଆ ଭାଷାର ମୂଳ' (୧୯୦୪), 'ଶବ୍ଦ ରହସ୍ୟ' (୧୯୦୫), 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ', 'ଜଗନ୍ନାଥ ଶିଳାଲିପି' (୧୯୧୩), 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି' (୧୯୧୫), 'ସୁଖବୋଧ ବ୍ୟାକରଣ' (୧୯୧୭), 'ଓଡ଼ିଆ ରଚନା ଓ ଅନୁବାଦ' (୧୯୨୧), 'ଓଡ଼ିଆ ପକେଟ୍ ଅଭିଧାନ' (୧୯୨୫), 'ସରଳ ଓଡ଼ିଆ ଅଭିଧାନ', 'ନରସିଂହ ଦେବଙ୍କ ତାମ୍ରଶାସନ', 'ଚାଟେଶ୍ୱର ଶିଳାଲିପି' । ଏହି ରଚନାଗୁଡ଼ିକୁ ଭାଷାଚର୍ଚ୍ଚା, ଧ୍ୱନିଚର୍ଚ୍ଚା, ଶବ୍ଦଚର୍ଚ୍ଚା, ବ୍ୟାକରଣ ଚର୍ଚ୍ଚା ଓ ଅଭିଧାନ ଚର୍ଚ୍ଚା ପର୍ଯ୍ୟାୟରେ ଆଲୋଚନା କରାଯାଇପାରେ ।

**ଭାଷା ଚର୍ଚ୍ଚା :**

ଭାଷା ରହସ୍ୟ, ଓଡ଼ିଆ ଭାଷାର ମୂଳ, ଗ୍ରାମ୍ୟ ଭାଷା ଏବଂ ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି ପ୍ରବନ୍ଧ ଭାଷାଚର୍ଚ୍ଚା ପର୍ଯ୍ୟାୟଭୁକ୍ତ । 'ଭାଷା ରହସ୍ୟ' ପ୍ରବନ୍ଧରେ ବାଣିଜ୍ୟ-ବ୍ୟବସାୟ, ଶିକ୍ଷା ଅଥବା ଅଶିକ୍ଷା ହେତୁ, ରାଷ୍ଟ୍ର ବିପ୍ଳବ ପ୍ରଭୃତିର ସଂଘର୍ଷଣ ଦ୍ୱାରା ଭାଷାର କ୍ଷୟ ହୋଇ କାଳକ୍ରମେ ପ୍ରତ୍ୟେକ ଭାଷାରୁ ସୃଷ୍ଟ 'ଅପଭାଷା'ର ସଦୃଷ୍ଟାନ୍ତ ଆଲୋଚନା କରାଯାଇଛି । 'ଅପଭାଷା' କହିଲେ ଅଶ୍ଲୀଳ ଭାଷା ନୁହେଁ; ଏଠାରେ 'ଅପଭାଷା' ପ୍ରାକୃତିକ ପରିବର୍ତ୍ତନ ଫଳରେ ସୃଷ୍ଟି ହୋଇଥିବା ଭାଷାକୁ ବୁଝାଉଛି । ଅପଭାଷା ସୃଷ୍ଟିର ନିୟମ ଆକାର ସମ୍ବନ୍ଧୀୟ ଓ ଅନ୍ୟଟି ଭାବ ବା ଅର୍ଥ ସମ୍ବନ୍ଧୀୟ ଭେଦରେ ଦ୍ୱିବିଧ । ଆକାର ସମ୍ବନ୍ଧୀୟ ନିୟମ ଧ୍ୱନି ପରିବର୍ତ୍ତନକୁ ଆଧାର କରିଥିଲାବେଳେ ଅର୍ଥ ପରିବର୍ତ୍ତନ ଭାବକୁ ଭିତ୍ତି କରିଛି ।

'ଓଡ଼ିଆ ଭାଷାର ମୂଳ' ପ୍ରବନ୍ଧରେ ଗବେଷକ ରଥ ସଂସ୍କୃତରୁ ପ୍ରାକୃତ ମଧ୍ୟ ଦେଇ ଓଡ଼ିଆ ଭାଷାର ସୃଷ୍ଟି ହୋଇଥିବାର ମତବ୍ୟକ୍ତ କରିଛନ୍ତି । ଉଦାହରଣ ସ୍ୱରୂପ- ସଂ. 'କଥଂ' ପ୍ରାକୃତରେ 'କହଂ' ହୋଇ ଓଡ଼ିଆରେ 'କାହିଁକି ?' ହୋଇଛି । ଏଠାରେ 'ଥ୍' ମହାପ୍ରାଣ ଧ୍ୱନି 'ହ୍' ଧ୍ୱନିରେ ପରିଣତ ହୋଇଛି । ଏହିଭଳି ଆଠଗୋଟି ନିୟମକୁ ଆଧାର କରି ଓଡ଼ିଆ ଭାଷାର ମୂଳକୁ ବିଚାର କରାଯାଇଛି । ଓଡ଼ିଆ ଅକ୍ଷରର ସୃଷ୍ଟି ସମ୍ପର୍କରେ ଅଲୋଚନା କରି ସେ ବ୍ରାହ୍ମୀ ଲିପିକୁ ମୂଳ ଏବଂ ଦେଶ ପ୍ରଚଳିତ ଲିପିମାନଙ୍କ ମଧ୍ୟରେ ଦେବନାଗରୀ ଅକ୍ଷରକୁ ପ୍ରଥମ ଭାବେ ଗ୍ରହଣ କରିଛନ୍ତି । ଓଡ଼ିଆ ଭାଷାର ଅକ୍ଷର ସଂପର୍କରେ ସେ କହିଛନ୍ତି- *"ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଗୋଲ ଓଡ଼ିଆ ଅକ୍ଷରର ସୃଷ୍ଟି ହୋଇଅଛି ।"* (ଓଡ଼ିଆ ଭାଷାର ମୂଳ, ଉତ୍କଳ ସାହିତ୍ୟ, ଅଷ୍ଟମ ଭାଗ, ଦ୍ୱିତୀୟ ସଂଖ୍ୟା, ପୃଷ୍ଠା-୬୧) କିନ୍ତୁ ପଞ୍ଚଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ମଧ୍ୟ ଓଡ଼ିଆ ଅକ୍ଷର ପୂର୍ଣ୍ଣାଙ୍ଗ ହୋଇନଥିଲା । କେବେ ପୂର୍ଣ୍ଣାଙ୍ଗ ହେଲା ବା ଆଧୁନିକ ଆକାର ଧାରଣ କଲା ସେ ସଂପର୍କରେ ଭାଷାବିତ୍ ନିରବ ।

'ଗ୍ରାମ୍ୟ ଭାଷା' ପ୍ରବନ୍ଧରେ ଓଡ଼ିଆ ଭାଷାର ମୌଳିକତା ଏବଂ ଗାଉଁଲି ଭାଷାର ଉତ୍କର୍ଷତା ସଂପର୍କରେ ବିଚାର କରାଯାଇଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଗ୍ରାମ୍ୟ ଭାଷାର ରୂପ ଭିନ୍ନ । ଭାଷାବିତ ରଥ ଗ୍ରାମ୍ୟ ଓଡ଼ିଆ ଭାଷାର ଧ୍ୱନି, ଶବ୍ଦ, କ୍ରିୟା, ବିଭକ୍ତି ଆଦିର ବିଶ୍ଳେଷଣ ପୂର୍ବକ ପ୍ରାକୃତ ଓ ସଂସ୍କୃତ ସହ ଥିବା ସଂପର୍କକୁ ନିର୍ଦ୍ଧାରଣ କରିଛନ୍ତି । ଯେପରି- ଗ୍ରାମ୍ୟ-ଓଡ଼ିଆର 'ଗାଇମି' ଶବ୍ଦର ମୂଳରୂପ ପ୍ରାକୃତରେ 'ଗାଏମି' ଏବଂ ସଂସ୍କୃତରେ 'ଗାୟାମି' । ଗ୍ରାମ୍ୟ ଭାଷାର ଶବ୍ଦ ପ୍ରାକୃତର ଅଧିକ ନିକଟବର୍ତ୍ତୀ ମନେକରି ଭାଷାବିତ୍ ରଥ କେତେକ ବାକ୍ୟ ମୂଳରେ ଶବ୍ଦ ଓ ସ୍ୱତନ୍ତ୍ର ଶବ୍ଦର ଉଦାହରଣ ପ୍ରଦାନ କରିଛନ୍ତି । ଯଥା-

**ବାକ୍ୟ-** ପ୍ରାକୃତ- ଜେ ମେ ସିରିଣଂ ଣ ସହନ୍ତି । ଓଡ଼ିଆ- ଯେ ମୋ ଶିରି ନ ସହନ୍ତି ।

**ଶବ୍ଦ-** ଅହ୍ମଘର(ପ୍ରା.) ଆମ ଘର(ଓ.), ତୁରନ୍ତ(ପ୍ରା.) ] ତୁରନ୍ତ (ଓ) ଇତ୍ୟାଦି ।

ଓଡ଼ିଆ ଭାଷାର କଥିତ ରୂପ ଲିଖିତଠାରୁ ପୃଥକ । ସାଧାରଣତଃ ଗ୍ରାମାଂଚଳର ଭାଷାକୁ କଥିତ ରୂପ ଭାବେ ଗ୍ରହଣ କରାଯାଏ ଏବଂ ଓଡ଼ିଶାର ବିଭିନ୍ନ ଅଂଚଳରେ ଗ୍ରାମ୍ୟ ଭାଷା ବା କଥିତ ଭାଷାର ରୂପ ଭିନ୍ନ ଭିନ୍ନ । ତଥାପି କଥିତ ଭାଷାର (କଟକ, ବାଲେଶ୍ୱର ଆଦି ଅଂଚଳରେ ପ୍ରଚଳିତ) ଧ୍ୱନି, ଶବ୍ଦ, ବିଭକ୍ତି, କ୍ରିୟା ଆଦିର ବିଶ୍ଳେଷଣ ପୂର୍ବକ ପ୍ରାକୃତ ସହ ଏହାର ସଂପର୍କ ନିର୍ଦ୍ଧାରଣ କରିଛନ୍ତି ଭାଷାବିତ୍ ରଥ । ଗ୍ରାମ୍ୟ ଭାଷାର ଏପରି ଭାଷାତାତ୍ତ୍ୱିକ ଆଲୋଚନା ଏହା ପୂର୍ବରୁ ପରିଦୃଷ୍ଟ ହୁଏ ନାହିଁ । ଏହି ଆଲୋଚନାରୁ ଭାଷାର ଅସ୍ତିତ୍ୱ, ସ୍ୱରୂପ ଓ ପାର୍ଥକ୍ୟ ସ୍ପଷ୍ଟ ହୁଏ । ଭାଷାର ମୌଳିକତା ଗ୍ରାମ୍ୟ ଭାଷାରେ ନିହିତ ଥାଏ । ଏ ସଂପର୍କରେ ଭାଷାବିତ୍ ରଥଙ୍କ ମତ ହେଉଛି– *"ଭାଷାର ରୀତି ଗ୍ରାମ୍ୟତାରୁ ମିଳେ । ନାଗରିକ ଭାଷା ବହୁଆଡ଼ୁ ପ୍ରତିଘାତ ପାଇ କଳୁଷିତ ହୋଇପାରେ, କିନ୍ତୁ ଗ୍ରାମ୍ୟ ଭାଷା ପକ୍ଷରେ ସେପରି କୌଣସି ଅନ୍ତରାୟ ନଥିବାରୁ ଦେଶୀୟ ରୀତି ଓ ଭାବ ସେଥିରେ ଅଟଳ ରହିଥାଏ ।"* ('ଗ୍ରାମ୍ୟ ଭାଷା', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ଦ୍ୱିତୀୟ ସଂଖ୍ୟା, ପୃ-୬୯-୭୦)

'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି' ପ୍ରବନ୍ଧରେ ଓଡ଼ିଆ ସାହିତ୍ୟିକ ଭାଷାକୁ ବିଚାର କରାଯାଇଛି । ଗବେଷକଙ୍କ ମତରେ- *"ଯାହାର ଭାଷାରେ ଯେତିକି ମୋହ ଅଛି, ସେ ତେତିକି ପାଠକ ସମାଜର ହୃଦୟ ଅଧିକାର କରି ବସିବେ ଏବଂ ତାହାଙ୍କ ଭାଷା ତେତିକି ସ୍ଥାୟିତ୍ୱ ବା ଅମରତ୍ୱ ଲାଭ କରିବ । ଏ ବିଷୟରେ ଭକ୍ତକବି ଜଗନ୍ନାଥ ଉତ୍କଳରେ ଅଗ୍ରଣୀ ଅଟନ୍ତି ।"* (ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି, ଉତ୍କଳ ସାହିତ୍ୟ, ଊନବିଂଶ ଭାଗ, ଚତୁର୍ଥ ସଂଖ୍ୟା, ପୃଷ୍ଠା-୧୪୧)

ଓଡ଼ିଆ ଭାଷା-ସାହିତ୍ୟର ଉନ୍ନତି ପାଇଁ ଉତ୍ସାହୀ ହେବା ଆବଶ୍ୟକ ମନେକରି ଉଦ୍‌ବୋଧନ ବାଣୀରେ ଓଡ଼ିଆ ଭାଷା ଓ ସାହିତ୍ୟ ବିକାଶ ପାଇଁ ଗଠନମୂଳକ ପ୍ରସ୍ତାବ ଦିଆଯାଇଛି । ଏହା ସମକାଳୀନ ଭାଷା ଓ ସାହିତ୍ୟିକ ପରିସ୍ଥିତିର ଏକ ଅନାସକ୍ତ ବିଶ୍ଳେଷଣ । ତତ୍‌କାଳୀନ ଭାଷା ଓ ସାହିତ୍ୟର ଅବସ୍ଥା ଓ ପରିସ୍ଥିତି କଥା ଚିନ୍ତାକରି ପଣ୍ଡିତ ରଥ ଉପସ୍ଥାପନ କରିଥିବା ପ୍ରସ୍ତାବ ଗୁଡ଼ିକର ଏକ ସାର୍ବଜନିକ ଓ ସର୍ବଜନୀନ ଆବେଦନ ରହିଛି । ଏଥିରୁ ତାଙ୍କର ଭାଷା ସାହିତ୍ୟ ପ୍ରୀତି ଓ ନିଃସ୍ୱାର୍ଥପର ବ୍ୟକ୍ତି ଚରିତ୍ରର ପରିଚୟ ମିଳେ ।

**ଧ୍ୱନି ଚର୍ଚ୍ଚା :**

ଧ୍ୱନିଚର୍ଚ୍ଚା ପର୍ଯ୍ୟାୟରେ 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ' ପ୍ରବନ୍ଧ ସ୍ଥାନିତ । ଏଥିରେ ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ସହିତ ଓଡ଼ିଆ ଧ୍ୱନି ଓ ଲିପିର ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇ ଉଚ୍ଚାରଣ ଓ ଲିଖନ ବ୍ୟବସ୍ଥାର ସଂସ୍କରଣ ଉପରେ ଗୁରୁତ୍ୱ ଦିଆଯାଇଛି । ପ୍ରବନ୍ଧର ପ୍ରଥମ ପର୍ଯ୍ୟାୟ ଓଡ଼ିଆ ଭାଷାର ଉଚ୍ଚାରଣ ସମ୍ବନ୍ଧୀୟ । ଏଥିରେ ଶବ୍ଦ ଉଚ୍ଚାରଣର ଅସମତା ହେତୁ ପରିଲକ୍ଷିତ ବିଭିନ୍ନାର୍ଥ ସହିତ ବର୍ଣ୍ଣାଶୁଦ୍ଧିର ସମ୍ଭାବନାକୁ ବିଶ୍ଳେଷଣ କରାଯାଇଛି । ଶବ୍ଦ ଉଚ୍ଚାରଣର ଅସମତା ହେତୁ ପରିଲକ୍ଷିତ ବିଭିନ୍ନାର୍ଥର ଗୋଟିଏ ଉଦାହରଣ ନିଆଯାଇପାରେ । ଯଥା- 'ବିସ' ଶବ୍ଦର 'ସ୍' ଧ୍ୱନିକୁ ଯଦି ମୂର୍ଦ୍ଧା ପ୍ରଦେଶରୁ ଉଚ୍ଚାରଣ କରାଯାଏ, ତାହାର ଅର୍ଥ ହେବ 'ଜହର' ବା 'ଗରଳ' । ଯଦି 'ସ୍' ଧ୍ୱନିକୁ ବର୍ତ୍ସ ପ୍ରଦେଶରୁ ଉଚ୍ଚାରଣ କରାଯାଏ, ତାହେଲେ ତା'ର ଅର୍ଥ ହେବ 'ମୃଣାଳ' । ବର୍ଗ୍ୟ 'ବ' ଓ ଅବର୍ଗ୍ୟ 'ବ' ଏବଂ ବର୍ଗ୍ୟ 'ଜ' ଓ ଅବର୍ଗ୍ୟ 'ଯ' ଭଳି ବର୍ଣ୍ଣାଶୁଦ୍ଧିଗତ ସମ୍ଭାବନା ଓ ତାର ସମାଧାନ ସଂପର୍କରେ ବିଚାର କରିଛନ୍ତି । ଯେପରି- ସଂସ୍କୃତ ଭାଷାରେ ବର୍ଗ୍ୟ 'ବ' ଓ ଅବର୍ଗ୍ୟ 'ବ'ର ଉଚ୍ଚାରଣ ଓ ଆକାର ଅଲଗା ଅଲଗା । ଓଡ଼ିଆ ଓ ବଙ୍ଗଳାରେ 'ବ'ର ଉଚ୍ଚାରଣ ଓ ଆକାର ଭିନ୍ନ । ଏ କ୍ଷେତ୍ରରେ ଭାଷାବିତ୍ ରଥ ମତ ଦିଅନ୍ତି ଯେ ଆଧୁନିକ ହିନ୍ଦୀ 'ବ'(ଢର) ଓ 'ୱ'(ୱର) ଧ୍ୱନିରେ ଯେଉଁଭଳି ଭିନ୍ନତା ରହିଛି ସେହିଭଳି ପାର୍ଥକ୍ୟ ପାଇଁ ଓଡ଼ିଆ ଭାଷାରେ ବର୍ଗ୍ୟ 'ବ' ଗର୍ଭରେ ଗୋଟିଏ ବିନ୍ଦୁ ଦେଲେ ଯଥେଷ୍ଟ ହୁଅନ୍ତା । କାରଣ ତା'ର ବ୍ୟବହାର ଓଡ଼ିଆ ଭାଷାରେ ବେଶୀ ପରିମାଣରେ ନାହିଁ । ଯଦି ଏହାକୁ ସ୍ୱୀକାର କରାନଯାଏ ତାହା ହେଲେ ଅବର୍ଗ୍ୟ 'ବ' ବର୍ଣ୍ଣଟିକୁ ସମ୍ପୂର୍ଣ୍ଣ ବାଦ ଦିଆଯିବା ଉଚିତ ହେବ । ନଚେତ୍ ଭାଷାରେ ବହୁଳ ବର୍ଣ୍ଣାଶୁଦ୍ଧି ହେବ ।

ପ୍ରବନ୍ଧର ଦ୍ୱିତୀୟ ପର୍ଯ୍ୟାୟ ଓଡ଼ିଆ ଭାଷାର ଯୁକ୍ତାକ୍ଷର । ମୂଳ ସଂସ୍କୃତଠାରୁ ପୃଥକ ଥିବା ସଂଯୁକ୍ତ ବର୍ଣ୍ଣର ଲିଖନ ଓ ଉଚ୍ଚାରଣ ଏଥିରେ ଆଲୋଚିତ । ଯେପରି- 'ହ୍ନ' ସଂଯୁକ୍ତ ବର୍ଣ୍ଣଟି 'ହ୍' ଓ 'ନ୍' ବ୍ୟଞ୍ଜନ ଧ୍ୱନି ସହିତ 'ଅ' ସ୍ୱର ଧ୍ୱନିର ସଂଯୋଗରେ ସୃଷ୍ଟ । ଗଠନ ଦୃଷ୍ଟିରୁ ଏହାର ଉଚ୍ଚାରଣରେ ପ୍ରଥମେ 'ହ୍' ଓ ପରେ 'ନ୍' ଧ୍ୱନି ଆସିବା କଥା । କିନ୍ତୁ ଉଚ୍ଚାରଣ କଲାବେଳେ ପ୍ରଥମେ 'ନ୍' ଓ ପରେ 'ହ୍' ଧ୍ୱନି ଉଚ୍ଚାରିତ । ଉଦାହରଣ ସ୍ୱରୂପ- ଚିହ୍ନ, ବହ୍ନି ଆଦି ଶବ୍ଦ । ଏହିଠାରେ ଭାଷାବିତ୍ ରଥ ପ୍ରଶ୍ନ ଉଠାଇଛନ୍ତି ଯେ- *"ଏହି ଶବ୍ଦ ଦ୍ୱୟକୁ ଯଦି ପଦ୍ୟରେ ବିଶ୍ଳିଷଣ କରାଯାଏ ତାହାହେଲେ 'ଚିହ୍ନ' ଓ 'ବହ୍ନି' ବଦଳରେ 'ଚିନହ' ଓ 'ବନହି' ଲେଖିପାରିବୁ କି?"* (ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ, ମୁକୁର, ତୃତୀୟ ଭାଗ, ପଞ୍ଚମ ସଂଖ୍ୟା, ପୃଷ୍ଠା-୧୧୦) ଉତ୍ତରରେ କୁହାଯାଇପାରେ ନା । ପ୍ରକୃତରେ 'ଚିହ୍ନ' ଓ 'ବହ୍ନି' ଶବ୍ଦ ଦ୍ୱୟକୁ ପଦ୍ୟରେ ଲେଖିଲେ 'ଚିହନ' ଓ 'ବହନି' ହେବ । ଓଡ଼ିଆ ଭାଷାରେ ଏହାର ବ୍ୟବହାର ଶବ୍ଦର ମଧ୍ୟ ଓ ଅନ୍ତ ସ୍ଥାନରେ ଅଛି; କିନ୍ତୁ ଆଦ୍ୟରେ ନାହିଁ । ଯଥା- ଆହ୍ନିକ ଓ ଜହ୍ନ । ଏହିଭଳି ହ୍ଲ, ହ୍ୟ, ଞ୍ଜ, ଷ୍ଠ, କ୍ଷ, ଙ୍ଗ ଓ ରେଫ୍ ( ର୍ ) ସଂଯୁକ୍ତ ବର୍ଗର ବିଚାର କରାଯାଇଛି ।

ଭାଷାବିତ୍ ରଥଙ୍କ ସଂପର୍କରେ ପ୍ର. ସବିତା ପ୍ରଧାନ 'ଭାଷାଶୈଳୀ ଅବବୋଧ' ପୁସ୍ତକରେ ଲେଖିଛନ୍ତି- *"ଗ୍ରୀଏରସନ୍ ୧୯୨୧ ମସିହାରେ ଓଡ଼ିଶା-ବିହାର ସରକାରଙ୍କୁ ଓଡ଼ିଆରେ କୌଣସି ଅକ୍ଷର ତାଲିକା ନଥିବା କଥା ଜଣାଇ ଚିଠି ଦିଅନ୍ତି । ଏହାର ଫଳସ୍ୱରୂପ ପଣ୍ଡିତ କାଶୀନାଥ ଦାସ ଓ ମୃତ୍ୟୁଞ୍ଜୟ ରଥ ୧୯୨୪ରେ ଏକ ତାଲିକା ପ୍ରସ୍ତୁତ କରିଥିଲେ । ଯାହା ସାର୍ ମାକ୍‌ଫର୍ସନଙ୍କ ମୁଖବନ୍ଧ ସହିତ 'ଓଡ଼ିଆ ବର୍ଣ୍ଣମାଳା'* (The Oriya

Alphabet) *ନାମରେ ପ୍ରକାଶିତ ହୋଇଥିଲା ।"* (ଭାଷାଶୈଳୀ ଅବବୋଧ, ପୃଷ୍ଠା-୩୭)

**ଶବ୍ଦ ଚର୍ଚ୍ଚା :**

'ଶବ୍ଦ ରହସ୍ୟ', 'ଶବ୍ଦାର୍ଥ ଚର୍ଚ୍ଚା', 'ଧ୍ୱନ୍ୟାତ୍ମକ ଭାଷା', 'ଖଣ୍ଡିଏ ପତ୍ର' ପ୍ରବନ୍ଧ ଏବଂ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦ 'ଶବ୍ଦଚର୍ଚ୍ଚା' ପର୍ଯ୍ୟାୟଭୁକ୍ତ । ଧ୍ୱନି ଭାଷାର ସର୍ବନିମ୍ନ ଏକକ ହୋଇଥିଲାବେଳେ ଶବ୍ଦ ହେଉଛି ଅର୍ଥର ମୂଳ ଆଧାର । ଶବ୍ଦଚର୍ଚ୍ଚା ପର୍ଯ୍ୟାୟ ତିନୋଟି ଉପପର୍ଯ୍ୟାୟରେ ବିଭକ୍ତ । (୧) ଧ୍ୱନ୍ୟାତ୍ମକ ଶବ୍ଦ, (୨) ଶବ୍ଦାର୍ଥ ଚର୍ଚ୍ଚା, ଏବଂ (୩) ଶବ୍ଦର ବିଭାଗୀକରଣ ।

**(୧) ଧ୍ୱନ୍ୟାତ୍ମକ ଶବ୍ଦ-** 'ଧ୍ୱନ୍ୟାତ୍ମକ ଭାଷା' ପ୍ରବନ୍ଧ ଉକ୍ତ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ଏହି ପ୍ରବନ୍ଧ ରଚନା କରି ଭାଷାବିତ ରଥ ଓଡ଼ିଆ ଭାଷାରେ ଧ୍ୱନି ଅନୁକରଣ ଦ୍ୱାରା ସୃଷ୍ଟ ଏକ ଅର୍ଥକ୍ଷମ ଶବ୍ଦ ରହିଥିବା ବିଷୟ ଆବିଷ୍କାର କରିଥିଲେ । ଭାଷା ସମାଜର ପ୍ରାଣ, ଭାବ ପ୍ରକାଶ କରିବାର ମାଧ୍ୟମ । ଭାଷାର ସର୍ବନିମ୍ନ ଏକକ ହେଉଛି ଧ୍ୱନି । ପ୍ରକୃତିର ଧ୍ୱନିକୁ ଅନୁକରଣ କରି ମଣିଷ ଧ୍ୱନି ସୃଷ୍ଟି କରିଛି । ବସ୍ତୁର ଧ୍ୱନ୍ୟାନୁକାରୀ ଶବ୍ଦ ଦ୍ୱାରା ଭାବ ପ୍ରକାଶ କରିବା ହେଉଛି ଧ୍ୱନ୍ୟାତ୍ମକ ଭାଷା । ବର୍ତ୍ତମାନ ଏହା 'ଧ୍ୱନ୍ୟାତ୍ମକ ଶବ୍ଦ' ନାମରେ ପରିଚିତ । ଓଡ଼ିଆ ଭାଷାରେ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ସଂଖ୍ୟା ବେଶୀ । ଏହି ପର୍ଯ୍ୟାୟର ଶବ୍ଦଗୁଡ଼ିକ ମୁଖ୍ୟତଃ ପ୍ରାକୃତିକ ଜଗତର ବିଭିନ୍ନ ଧ୍ୱନିକୁ ଅନୁସରଣ କରି ଗଢ଼ିଉଠିଥିବା ମନେହୁଏ । ଅନେକ ପ୍ରୟୋଜନୀୟ ଭାବ ଅଳ୍ପ ସମୟ ମଧ୍ୟରେ ସ୍ପଷ୍ଟ ଭାବେ ପ୍ରକାଶ କରାଯାଇପାରେ ବୋଲି, କବିମାନେ ନିଜ ନିଜ କୃତିରେ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟବହାର କରିଥାନ୍ତି । ପଣ୍ଡିତ ରଥଙ୍କ ମତରେ, *"ହୁଏତ ଧ୍ୱନ୍ୟାତ୍ମକ ଭାଷା ଦ୍ୱାରା ଯାହା ବ୍ୟକ୍ତ ହେବ ତାହା ଅନ୍ୟ କୌଣସି ରୂପେ ସ୍ପଷ୍ଟ ବ୍ୟକ୍ତ ହୋଇପାରିବ ନାହିଁ ।"(୧୫)* । 'ଧ୍ୱନ୍ୟାତ୍ମକ ଶବ୍ଦ' ଆଲୋଚନାରେ ସେ କେତେକ ଧ୍ୱନ୍ୟାତ୍ମକ ଶବ୍ଦ ବ୍ୟବହୃତ ବାକ୍ୟର ଉଦାହରଣ ଦେଇଛନ୍ତି । ଯେପରି- 'ମେଘ ବରସିଲା ଟପର ଟପର', 'ଦନ୍ତ କଡ଼ମଡ଼ି ସିଂହ ପଡ଼େ ଆଚମ୍ବିରେ' ଇତ୍ୟାଦି । ତେବେ ସବୁ ଧ୍ୱନ୍ୟାତ୍ମକ ଶବ୍ଦର ଉଦାହରଣ ଦିଆଯାଇନାହିଁ । ଏହାର କାରଣ ସବୁ ଧ୍ୱନ୍ୟାତ୍ମକ ଶବ୍ଦର ବ୍ୟାଖ୍ୟା ନିମିତ୍ତ ସ୍ଥାନ ଓ ସମୟର ଅଭାବ । ଏହି ଅଭାବ ଭିତରେ କିନ୍ତୁ ରଥ ମହାଶୟଙ୍କ ପାଖରେ ସୁଯୋଗ ଥିଲା ଯେ ସେ ଅର୍ଥ ଦୃଷ୍ଟିରୁ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ବିଭାଗୀକରଣ କରିପାରିଥାନ୍ତେ । ଡ. ସବିତା ପ୍ରଧାନଙ୍କ 'ଭାଷା-ଶୈଳୀ ଅବବୋଧ' ପୁସ୍ତକ ଏବଂ ଡ. ହର ପ୍ରସାଦ ମିଶ୍ରଙ୍କ 'ବ୍ୟାବହାରିକ ଓଡ଼ିଆ ବ୍ୟାକରଣ' ପୁସ୍ତକରେ ଅର୍ଥ ଦୃଷ୍ଟିରୁ ଧ୍ୱନ୍ୟାତ୍ମକ ଶବ୍ଦଗୁଡ଼ିକର ବିଭାଗୀକରଣ ହୋଇଛି । ତେଣୁ ଡ. ପ୍ରଧାନ ଓ ଡ. ମିଶ୍ରଙ୍କ ବିଭାଗୀକରଣକୁ ଦୃଷ୍ଟିରେ ରଖି ଯଦି ବିଭାଗୀକରଣ କରାଯାଏ, ତେବେ ତାହାକୁ ଛଅ ଭାଗରେ ବିଭକ୍ତ କରାଯାଇପାରେ ।

(କ) ଧ୍ୱନି ଅନୁକରଣ (ଝମ୍ ଝମ୍, ସୁ ସୁ ଇତ୍ୟାଦି) ।

(ଖ) କ୍ରିୟା ଓ ତତ୍‌ଜାତ ଧ୍ୱନିର ମିଳିତ ଅନୁକରଣ (ଡଗ ଗଡ, ଥପ୍ ଥପ୍ ଇତ୍ୟାଦି) ।

(ଗ) କ୍ରିୟା ବିଧିର ଅନୁକରଣ (ପିଚ୍ ପିଚ୍, କେଁ କେଁ ଇତ୍ୟାଦି) ।

(ଘ) ଶାରୀରିକ ଅନୁଭୂତି ଅନୁସରଣ (ଟାଇଁ ଟାଇଁ, ଖେଁ ଖେଁ ଇତ୍ୟାଦି) ।

(ଙ) ମାନସିକ ଅନୁଭୂତି ଅନୁକରଣ (ଟଙ୍ଗ୍ ଟଙ୍ଗ୍, ଶକ୍ ଶକ୍ ଇତ୍ୟାଦି) ।

(ଚ) ଅବସ୍ଥା ଅନୁକରଣ (ଜଳ ଜଳ, ଶଲ୍ ଶଲ୍ ଇତ୍ୟାଦି) ।

ଭାବ କ୍ଷୟ ପ୍ରତି ଦୃଷ୍ଟିନିକ୍ଷେପ କରି ଧ୍ୱନ୍ୟାତ୍ମକ ଶବ୍ଦର ଗୁରୁତ୍ୱକୁ ପାଠକ ସମ୍ମୁଖରେ ଉପସ୍ଥାପନ କରାଯାଇଛି । ଯେପରି- "ଅଗ୍ନି ଧକ୍ ଧକ୍ ହୋଇ ଜଳୁଅଛି । 'ଧକ୍ ଧକ୍' କହିଲା କ୍ଷଣି ଅଗ୍ନି ଶିଖାର ସେହି ଧକ୍ ଧକ୍ ଶବ୍ଦ ଏବଂ ଚିତ୍ର ଯୁଗପତ୍ ମାନସଗୋଚର ହୁଏ ।" (ଧ୍ୱନ୍ୟାତ୍ମକ ଭାଷା, ଉତ୍କଳ ସାହିତ୍ୟ, ୬ଷ୍ଠ ଭାଗ, ୧୨ଶ ସଂଖ୍ୟା, ଚୈତ୍ର, ୧୩୧୦, ପୃ.-୨୭୭) ଏଠାରେ 'ଧକ୍ ଧକ୍' ଶବ୍ଦକୁ ବାଦ ଦେଇ ଭାବ ବ୍ୟକ୍ତ କରିବା ଅସମ୍ଭବ । ଦ୍ୱିତ୍ୱ ଉଚ୍ଚାରଣ ଧ୍ୱନ୍ୟାତ୍ମକ ଶବ୍ଦର ପ୍ରମୁଖ ବୈଶିଷ୍ଟ୍ୟ । କେତେକ ଧ୍ୱନ୍ୟାତ୍ମକ ଶବ୍ଦର ଏକକ ଉଚ୍ଚାରଣ ମଧ୍ୟ ରହିଛି । ଯେପରି- ପଟ୍ କରି ଗୋଡ଼ ଖସିଗଲା । ଏଠାରେ 'ପଟ୍' ଏକକ ଧ୍ୱନ୍ୟାତ୍ମକ ଶବ୍ଦ । ଏହା ପୂର୍ବରୁ ଧ୍ୱନ୍ୟାତ୍ମକ ଶବ୍ଦର ଭାଷାତାତ୍ତ୍ୱିକ ବିଶ୍ଳେଷଣ ହୋଇଥିବା ପରିଦୃଷ୍ଟ ହୁଏ ନାହିଁ । ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଏହାର ଅଧିକାଂଶ ଶବ୍ଦ ଦେଶଜ । ଭାଷାବିତ ରଥଙ୍କ ସଂଗୃହୀତ ଧ୍ୱନ୍ୟାତ୍ମକ ଶବ୍ଦ ଏକାକ୍ଷରୀ (ଖେଁ ଖେଁ), ଦ୍ୱିଅକ୍ଷରୀ (ଖଟ୍ ଖଟ୍) ଏବଂ ତିନି ଅକ୍ଷରୀ (ଫଙ୍କର ଫଙ୍କର) । ତାଙ୍କର ଓଡ଼ିଆ ଭାଷା କ୍ଷେତ୍ରରେ ଧ୍ୱନ୍ୟାତ୍ମକ ଶବ୍ଦ ଉପରେ ଆଲୋଚନା ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରଥମ ଏବଂ ସ୍ୱାଗତଯୋଗ୍ୟ ।

**(୨) ଶବ୍ଦାର୍ଥ ଚର୍ଚ୍ଚା :** ଉକ୍ତ ପର୍ଯ୍ୟାୟରେ 'ଶବ୍ଦ ରହସ୍ୟ', 'ଶବ୍ଦାର୍ଥ ଚର୍ଚ୍ଚା' ଏବଂ 'ଖଣ୍ଡିଏ ପତ୍ର' ପ୍ରବନ୍ଧ ଅନ୍ତର୍ଭୁକ୍ତ । ଏହି ପ୍ରବନ୍ଧଗୁଡ଼ିକରେ ଶବ୍ଦ ଓ ଅର୍ଥର ସଂଜ୍ଞା ଏବଂ ଏହାର ସମ୍ବନ୍ଧକୁ ଦର୍ଶାଯାଇଛି । ଭାଷାବିତ୍ ରଥଙ୍କ ମତରେ ଦୁଇଟି ଉପାୟରେ ଅର୍ଥକୁ ପରିସ୍ଫୁଟ କରାଯାଇପାରେ । ଗୋଟିଏ ବ୍ୟୁତ୍ପତ୍ତି ଦ୍ୱାରା ଏବଂ

ଅନ୍ୟଟି ଉପମା ଦ୍ୱାରା । ଶବ୍ଦର ବ୍ୟୁତ୍ପତ୍ତି ଦ୍ୱାରା କିଭଳି ଅର୍ଥ ସ୍ପଷ୍ଟ ଅନୁମେୟ ଏହାର ଗୋଟିଏ ଉଦାହରଣ ନିଆଯାଇପାରେ– *"ପନ୍ନଗ; ପଦ୍(ପଦ) + ନଗ- ଯେ ପାଦରେ ଗମନ କରେ ନାହିଁ ଅର୍ଥାତ୍ ଯାହାର ପାଦ ନାହିଁ ସେ ପନ୍ନଗ । ସୁତରାଂ ଶବ୍ଦଟିରୁ ପ୍ରତିପନ୍ନ ହେଉଅଛି ଯେ ଏହା ସର୍ପର ନାମ ।"* (ଶବ୍ଦ ରହସ୍ୟ, ଉତ୍କଳ ସାହିତ୍ୟ, ନବମ ଭାଗ, ଚତୁର୍ଥ ସଂଖ୍ୟା, ପୃଷ୍ଠା-୧୦୨) ଏହିଭଳି ଯୁଧିଷ୍ଠିର, ନଗ, ଭୁଜଗ, ପତଙ୍ଗ, ଚନ୍ଦ୍ର, ସୁବର୍ଣ୍ଣ, ନାକ, ପତତ୍ର, ବିଷ୍ଣୁ ଓ ରସଜ୍ଞା ଶବ୍ଦର ଉତ୍ପତ୍ତିଗତ ଅର୍ଥକୁ ବିଚାର କରାଯାଇଛି ।

ଉପମା ଭାବ ପ୍ରକାଶର ଏକ ସୂକ୍ଷ୍ମ ଉପାୟ । ଉପମାବଦ୍ଧ ଶବ୍ଦଗୁଡ଼ିକୁ ତୁଳନା କରି ନ ଦେଖିଲେ ପ୍ରକୃତ ଅର୍ଥବୋଧ ହେବ ନାହିଁ । କବିଗଣ କିନ୍ତୁ ନିଜର କବିତ୍ୱର ପରିଚୟ ନିମିତ୍ତ ଉପମାର ପ୍ରୟୋଗ କରିଛନ୍ତି । ଏହାର ଉଦାହରଣ ଦେବାକୁ ଯାଇ ଗବେଷକ ରଥ ମତ ଦିଅନ୍ତି- *"ଶୂଳ(ଅସ୍ତ୍ର) କଷ୍ଟଦାୟକ, ତାହା ସ୍ପର୍ଶେନ୍ଦ୍ରିୟଗ୍ରାହ୍ୟ ହେଲେ ହେଁ ତୁଳନାରେ ସେହି ଅନୁଭବ ଅନ୍ୟାନ୍ୟ ଇନ୍ଦ୍ରିୟଠାରେ ଆରୋପିତ ହୋଇଥାଏ । ଯଥା – ସେ କଥା ମୋର କର୍ଣ୍ଣଶୂଳ ହେଲା ଅର୍ଥାତ ଶୂଳ ସ୍ପର୍ଶେନ୍ଦ୍ରିୟ ପ୍ରତି ଯେପରି କଷ୍ଟଦାୟକ, ସେ କଥା ଶ୍ରବଣେନ୍ଦ୍ରିୟ ପ୍ରତି ସେହିପରି ।"* (ଶବ୍ଦ ରହସ୍ୟ, ଉତ୍କଳ ସାହିତ୍ୟ, ନବମ ଭାଗ, ଚତୁର୍ଥ ସଂଖ୍ୟା, ପୃଷ୍ଠା-୧୦୪) ଶବ୍ଦର ଉତ୍ପତ୍ତି ଏବଂ ଉପମା ଦ୍ୱାରା କବିତ୍ୱ ଓ ଭାବୁକତା ରହିଥିବା ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ । ଏହିଭଳି ବହୁ ଶବ୍ଦଗଠନଗତ ଚମତ୍କାରିତା ଏବଂ ତାର ଉତ୍ପତ୍ତି ସଂପର୍କରେ ଆଲୋଚନା ରହିଛି ।

**(୩) ଶବ୍ଦର ବିଭାଗୀକରଣ :** ଉକ୍ତ ପର୍ଯ୍ୟାୟରେ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ପରିଚ୍ଛେଦ ଅନ୍ତର୍ଭୁକ୍ତ । ଏହା ଏକ ପାଠ୍ୟ ପୁସ୍ତକ । ଏଥିରେ ଓଡ଼ିଆ ଭାଷାରେ ମିଶିଥିବା ତତ୍ସମ, ତଦ୍ଭବ, ଦେଶଜ, ଆରବୀ, ପାର୍ସୀ, ଉର୍ଦ୍ଦୁ, ହିନ୍ଦୀ, ଇଂରାଜୀ ଓ ପର୍ତ୍ତୁଗୀଜ ଶବ୍ଦର ବିଭାଗୀକରଣ ଏବଂ ଶବ୍ଦର ଅର୍ଥ ଅନୁସାରେ ଏକାର୍ଥ ବର୍ଗ, ନାନାର୍ଥ ବର୍ଗ, ବିପରୀତାର୍ଥ ବର୍ଗ ଓ ଦ୍ୱିରୂପ ବର୍ଗର ବିଭାଗୀକରଣ କରାଯାଇଛି ।

**ଅଭିଧାନ ଚର୍ଚ୍ଚା :**

ଉକ୍ତ ପର୍ଯ୍ୟାୟରେ 'ମୂଳ ଶବ୍ଦବୋଧିକା', 'ପକେଟ ଓଡ଼ିଆ ଅଭିଧାନ' ଏବଂ 'ସରଳ ଓଡ଼ିଆ ଅଭିଧାନ' ପୁସ୍ତକ ତ୍ରୟ ଅନ୍ତର୍ଭୁକ୍ତ । 'ମୂଳ ଶବ୍ଦବୋଧିକା' ଅଭିଧାନରେ ପ୍ରଦତ୍ତ ୧୯୮୩ଟି ଶବ୍ଦର ମୂଳ ରୂପ ସଂସ୍କୃତ ବୋଲି ଦର୍ଶାଯାଇଛି । ପକେଟ ଓଡ଼ିଆ ଅଭିଧାନଟି ଶବ୍ଦ-ଅର୍ଥ ସଂପର୍କିତ । ଶବ୍ଦଗୁଡ଼ିକର ମୂଳ ରୂପକୁ ଦେଖାଇ ଗବେଷକ ରଥ ସଂସ୍କୃତ ଶବ୍ଦ ଅପଭ୍ରଂଶ ଶବ୍ଦରେ ପରିଣତ ହେବାର ଷୋହଳ ଗୋଟି ନିୟମକୁ ଉଲ୍ଲେଖ କରିଛନ୍ତି । ସେଗୁଡ଼ିକ ଯଥାକ୍ରମେ- ସଂସ୍କୃତ-ଅପଭ୍ରଂଶ = ବ-ଉ, ଅବ-ଓ, ଟ-ଡ଼, ଠ-ଢ଼, ପ-ବ, ଭ-ହ, ଖ ଓ ଭ-ହ, ସ୍ତ-ଥ, କ୍ଷ-ଖ, ତ୍-ନ୍ତ, ମ-ଅଁ, ଶ,ସ-ଛ, ର-ଇ, ୟ-ଅ, କ,ତ,ଦ,ପ (ବ)-ଅ ଏବଂ ନ-ଣ । ଉକ୍ତ ନିୟମଗୁଡ଼ିକ ପରେ ପ୍ରତ୍ୟେକ ଯୁକ୍ତାକ୍ଷରର ଉତ୍ପାଦକ ବର୍ଣ୍ଣଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରଧାନ ବର୍ଣ୍ଣ କିମ୍ବା ପ୍ରଥମ ବର୍ଣ୍ଣ ହିଁ ଅବଶିଷ୍ଟ ରହିଥାଏ । ଶେଷରେ ୨୩୪ଟି ସଂସ୍କୃତ ଶବ୍ଦାବଳୀର ସୂଚନା ରହିଛି ।

'ପକେଟ ଓଡ଼ିଆ ଅଭିଧାନ'ଟି ଶବ୍ଦର ଅର୍ଥ ସଂପର୍କିତ । ଉକ୍ତ ଅଭିଧାନଟି ଭାଷାବିତ୍ ରଥ ଏବଂ ତାଙ୍କର ଶିଷ୍ୟ ଶ୍ରୀ ବାଞ୍ଛାନିଧି ମିଶ୍ରଙ୍କ ଦ୍ୱାରା ସଂକଳିତ । ଭାଷାବିତ୍ ରଥ ପକେଟ ଅଭିଧାନ ରଚନା କାର୍ଯ୍ୟରେ ବ୍ରତୀ ହୋଇ 'ପ' ଅକ୍ଷର ପର୍ଯ୍ୟନ୍ତ ସଂକଳନ କରିଥିବା ସମୟରେ ଦୁର୍ଭାଗ୍ୟବଶତଃ ମୃତ୍ୟୁ ଘଟିଥିଲା । ଉକ୍ତ ଅଭିଧାନ ପ୍ରକାଶର ବିଶେଷ ଭାବରେ ଆବଶ୍ୟକତା ଅନୁଭବ କରି ପ୍ରକାଶକ ଶ୍ରୀ ଆକୁଳ ମିଶ୍ର ମହାଶୟ ଶ୍ରୀ ବାଞ୍ଛାନିଧି ମିଶ୍ରଙ୍କୁ ଦେଇଥିଲେ । ଅଭିଧାନଟି ୬୭୮ ପୃଷ୍ଠା ବିଶିଷ୍ଟ । ଅନ୍ୟ ଅଭିଧାନ ଭଳି ଏଥିରେ ମଧ୍ୟ ସାଂକେତିକ ଚିହ୍ନର ବ୍ୟବହାର ରହିଛି । ସେଗୁଡ଼ିକ ଯଥାକ୍ରମେ- ବି.-ବିଶେଷ୍ୟ, ବିଂ.- ବିଶେଷଣ, କ୍ରି.- କ୍ରିୟା, କ୍ରି. ବି.- କ୍ରିୟା ବିଶେଷ୍ୟ, କ୍ରି. ବିଂ.- କ୍ରିୟା ବିଶେଷଣ, ସର୍ବ.- ସର୍ବନାମ (୪୪୭ ପୃଷ୍ଠାରୁ ଏହା 'ସ.' ସଂକେତକୁ ଗ୍ରହଣ କରିଛି), ଅ.- ଅବ୍ୟୟ, ଦେ.- ଦେଶଜ ଶବ୍ଦ, ସ. ସମ୍ବଲପୁର ଶବ୍ଦ ଏବଂ ଯା.- ଯାବନିକ ଶବ୍ଦ । ଭାଷାବିତ୍ ରଥଙ୍କ ଦ୍ୱାରା ସଂକଳିତ ହୋଇଥିବା ଶବ୍ଦ ସଂଖ୍ୟା ୧୧,୭୫୦ । ଏଥିମଧ୍ୟରୁ ସ୍ୱରବର୍ଣ୍ଣରେ ୨୭୨୦ଟି ଶବ୍ଦ ଏବଂ ବ୍ୟଞ୍ଜନ ବର୍ଣ୍ଣରେ ୯୦୩୦ଟି ଶବ୍ଦ ରହିଛି ।

ଓଡ଼ିଆ ଭାଷାରେ ଏକଭାଷିକ, ଦ୍ୱିଭାଷିକ, ତ୍ରିଭାଷିକ ଓ ଚତୁର୍ଭାଷିକ ଅଭିଧାନ ରହିଛି । ପଣ୍ଡିତ ରଥଙ୍କର ପକେଟ ଅଭିଧାନ ଏକଭାଷିକ । ପ୍ରତ୍ୟେକ ବର୍ଣ୍ଣର ନାମକରଣ କରାଯାଇଛି । ଯେମିତି 'ଅ' ବର୍ଣ୍ଣକୁ ଆଦିସ୍ୱର, 'ଆ' ବର୍ଣ୍ଣକୁ ଦ୍ୱିତୀୟ ସ୍ୱର ଇତ୍ୟାଦି । 'ତରୁଣ ଶବ୍ଦକୋଷ'(ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ଦ୍ୱାରା ସଂକଳିତ) ଭଳି କେତେକ ମାନକ ଅଭିଧାନଗୁଡ଼ିକରେ ଦୀର୍ଘ 'ଋ' ଓ ଦୀର୍ଘ 'ଌ' ବର୍ଣ୍ଣର ଶବ୍ଦ ନାହିଁ । ଉକ୍ତ ଅଭିଧାନରେ 'ୠ'କୁ ଅଷ୍ଟମ ସ୍ୱରବର୍ଣ୍ଣ ନାମରେ ନାମିତ କରାଯାଇ ଗୋଟିଏ(କେବଳ ୠ)ର ଅର୍ଥ (ଅଷ୍ଟମ ସ୍ୱରବର୍ଣ୍ଣ, ବି. ଶିବ, ଦୈତ୍ୟ, ସ୍ୱର୍ଗ)କୁ ବିଚାର କରାଯାଇଛି ।

ସେହିଭଳି ଦୀର୍ଘ 'ଌ' ବର୍ଣ୍ଣକୁ ନବମ ସ୍ୱର ଭାବେ ଗ୍ରହଣ କରାଯାଇଛି । ଏଥିରେ କେବଳ ଦୀର୍ଘ 'ଌ' ବର୍ଣ୍ଣର ଅର୍ଥ ନବମ ସ୍ୱରବର୍ଣ୍ଣ, ପୃଥିବୀ ଓ ପର୍ବତ ବୋଲି ଗ୍ରହଣ କରାଯାଇଛି ।

କେତେକ ଅଭିଧାନରେ 'କ୍ଷ' ବର୍ଣ୍ଣ 'କ' ବର୍ଣ୍ଣ ପରେ ଥିଲାବେଳେ ଆଉ କେତେକ ଅଭିଧାନରେ 'ହ' ବର୍ଣ୍ଣ ପରେ ଥାଏ । ଯେଉଁ ଅଭିଧାନଗୁଡ଼ିକରେ 'ହ' ବର୍ଣ୍ଣ ପରେ 'କ୍ଷ' ବର୍ଣ୍ଣ ଥାଏ, ସେଗୁଡ଼ିକୁ ଓଡ଼ିଆ ଲିପି ବା ବର୍ଣ୍ଣମାଳା ଦୃଷ୍ଟିରୁ ସ୍ଥାନିତ କରାଯାଇଥାଏ । ଯେଉଁ ଅଭିଧାନଗୁଡ଼ିକରେ 'କ' ବର୍ଣ୍ଣ ପରେ 'କ୍ଷ' ବର୍ଣ୍ଣ ଥାଏ, ସେଗୁଡ଼ିକୁ ଓଡ଼ିଆ ଧ୍ୱନିର ଉଚ୍ଚାରଣ ଦୃଷ୍ଟିରୁ ବିଚାର କରାଯାଇଥାଏ । ଏଗୁଡ଼ିକ ବୈଜ୍ଞାନିକ ରୀତିରେ ବିଚାର୍ଯ୍ୟ । ଭାଷାବିତ୍ ରଥଙ୍କ ଅଭିଧାନ ଏହି ଶ୍ରେଣୀର । ଅର୍ଥାତ୍ ସେ 'କ୍ଷ' ବର୍ଣ୍ଣକୁ 'କ' ବର୍ଣ୍ଣ ପରେ ବିଚାର କରିଛନ୍ତି । ଏଥିରେ 'କ୍ଷ' ବର୍ଣ୍ଣକୁ ସ୍ୱତନ୍ତ୍ର ବର୍ଣ୍ଣ ଭାବେ ନ ବିଚାରି 'କ' ବର୍ଣ୍ଣ ସହ ଯୋଗ କରି ବିଚାର କରିଛନ୍ତି । କରିବାର ପ୍ରମୁଖ କାରଣ ହୋଇପାରେ ଯେ 'କ' ଓ 'ଷ'ର ଯୋଗରେ 'କ୍ଷ'ର ସୃଷ୍ଟି । ସେହିଭଳି 'ଞ'କୁ ବ୍ୟଞ୍ଜନର ଦଶମ ବର୍ଣ୍ଣ ଭାବେ ଗ୍ରହଣ କରାଯାଇଛି । ଏହାର ଅର୍ଥ ବ୍ୟଞ୍ଜନର ଦଶମ ବର୍ଣ୍ଣ, ଶୁକ୍ରାଚାର୍ଯ୍ୟ ଓ ଘର୍ଘର ଶବ୍ଦ ।

**ବ୍ୟାକରଣ ଚର୍ଚ୍ଚା :**

'ଓଡ଼ିଆ ଭାଷାର ମୂଳ' ପ୍ରବନ୍ଧ ଚର୍ଚ୍ଚାରେ ଓଡ଼ିଆ ବ୍ୟାକରଣ ସଂସ୍କୃତାନୁସାରୀ ଏବଂ ଏହା ପ୍ରାକୃତ ଅପେକ୍ଷା ଉତ୍କୃଷ୍ଟ ବୋଲି ଦର୍ଶିତ । ଏଥିରେ ବ୍ୟାକରଣର ଦଶଗୋଟି ବିଷୟର ସଂକ୍ଷିପ୍ତ ଆଲୋଚନା ରହିଛି । ଏଗୁଡ଼ିକ ଯଥାକ୍ରମେ- (୧) ବର୍ଣ୍ଣମାଳା, (୨) ସନ୍ଧି, (୩) ସମାସ, (୪) ଲିଙ୍ଗ, (୫) କାରକ, (୬) କ୍ରିୟା ପ୍ରକରଣ, (୭) କୃଦନ୍ତ, (୮) ତଦ୍ଧିତ, (୯) ଛନ୍ଦ ଓ (୧୦) ରୀତି । 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକର 'ପ୍ରଥମ ଖଣ୍ଡ' ଅନ୍ତର୍ଭୁକ୍ତ ତୃତୀୟ ପରିଚ୍ଛେଦରୁ ଅଷ୍ଟମ ପରିଚ୍ଛେଦ ପର୍ଯ୍ୟନ୍ତ ବିଷୟ ଉକ୍ତ ପର୍ଯ୍ୟାୟରେ ସ୍ଥାନିତ । ଏହା ଛାତ୍ରମାନଙ୍କ ପାଠ୍ୟ ପୁସ୍ତକ ଭାବେ ବ୍ୟବହୃତ ହେଉଥିଲା ।

ଭାଷାବିତ ରଥଙ୍କ 'ଜଗନ୍ନାଥ ଶିଳାଲେଖ' ପ୍ରବନ୍ଧରେ ଓଡ଼ିଆ ଭାଷାର ପ୍ରାଚୀନତା ସଂପର୍କରେ ସମ୍ୟକ ସୂଚନା ରହିଛି । ପ୍ରବନ୍ଧଟିରେ ତିନୋଟି ବିଭିନ୍ନ ସମୟର ଲିପିକୁ ପାଠକମାନଙ୍କ ଆଗରେ ଉପସ୍ଥାପନ କରାଯାଇଛି । ତନ୍ମଧ୍ୟରେ ପ୍ରଥମଟି ରାଜା କପିଳେନ୍ଦ୍ର ଦେବ (୧୪୩୫-୬୭ ଖ୍ରୀ.ଅ.), ଦ୍ୱିତୀୟଟି ରାଜା ପୁରୁଷୋତ୍ତମ ଦେବ (୧୪୬୭-୯୭ ଖ୍ରୀ.ଅ.) ଏବଂ ତୃତୀୟଟି ରାଜା ପ୍ରତାପରୁଦ୍ର ଦେବଙ୍କ (୧୪୯୭-୧୫୪୦ ଖ୍ରୀ.ଅ.) ରାଜତ୍ୱ କାଳରେ ଖୋଦିତ । ଲିପିତ୍ରୟର ଭାଷା ଓଡ଼ିଆ । ତେବେ କପିଳେଶ୍ୱର ଦେବଙ୍କ ସମୟ ପଂଚଦଶ ଶତାବ୍ଦୀ । ଏହି ସମୟରେ ଆଦିକବି ସାରଳା ଦାସ 'ମହାଭାରତ' କାବ୍ୟ ଲେଖିଥିଲେ । ଏହାର ଭାଷା ଥିଲା ନିଛକ ଓଡ଼ିଆ । ଅର୍ଥାତ୍ ସଂସ୍କୃତର ଶୃଙ୍ଖଳିତ ବନ୍ଧନରୁ ମୁକୁଳି ଭାଷା ଲୋକମୁଖରେ ଉଚ୍ଚାରିତ ହେଉଥିଲା । ତେବେ ପ୍ରତାପରୁଦ୍ର ଦେବଙ୍କ ସମୟରେ ରଚିତ ଜଗନ୍ନାଥ ଦାସଙ୍କ 'ଭାଗବତ' ଓଡ଼ିଆ ମାନକ ଭାଷାର ଭିତ୍ତି । ପଣ୍ଡିତ ରଥଙ୍କ ମତରେ ଅଭିଲେଖଗୁଡ଼ିକରେ ସମୟ ବ୍ୟବଧାନ ସତ୍ତ୍ୱେ ଭାଷାର ପରିବର୍ତ୍ତନ ପରିଦୃଷ୍ଟ ହୁଏନାହିଁ । ତେଣୁ ଓଡ଼ିଆ ଭାଷାର ଶ୍ରୀବୃଦ୍ଧିରେ ବାଧା ସୃଷ୍ଟି ହୋଇଛି । ଭାଷା ଚର୍ଚ୍ଚା ଅଭିଲେଖଟିର ମୂଳ ଉଦ୍ଦେଶ୍ୟ ନୁହେଁ । ତାଙ୍କ ଆଲୋଚନାରେ ରହିଛି ଯେ ଜଗନ୍ନାଥଙ୍କ ଧାମରେ କୌଣସି ଆଦେଶ ବା ଆଜ୍ଞା ଜାରି କଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାକୁ ଜନସାଧାରଣ ଯଥେଷ୍ଟ ଭକ୍ତି ସହକାରେ ଗ୍ରହଣ କରନ୍ତି । ଅବମାନନା କରନ୍ତି ନାହିଁ । ତେଣୁ ରାଜା ଆଜ୍ଞା ମଧ୍ୟ ଜଗନ୍ନାଥଙ୍କ ନାମରେ ଶପଥ ଦିଆଯାଇଛି । ଧର୍ମର ଶାସନ ଯୋଗୁଁ ଅର୍ଥ, ସଂପତ୍ତି, ଭୂମିଦାନ ଆଦିର ଯଥାଯଥ ରକ୍ଷଣାବେକ୍ଷଣ ହେଉଛି । ଏବେ ପର୍ଯ୍ୟନ୍ତ ସେଥିରେ ଅନ୍ୟଥା ହୋଇନାହିଁ । ଲେଖକ ଏହାର ଏହି ମୂଲ୍ୟବୋଧ ଦିଗଟି ପ୍ରତି ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

'ଉତ୍କଳ ସାହିତ୍ୟ' ଓ 'ମୁକୁର' ପତ୍ରିକାରେ ସର୍ବମୋଟ ଦଶଗୋଟି ଭାଷା ଭିତ୍ତିକ ପ୍ରବନ୍ଧ, ତିନୋଟି ଅଭିଧାନ ଗ୍ରନ୍ଥ, ଗୋଟିଏ ବ୍ୟାକରଣ ଏବଂ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ 'ଓଡ଼ିଆ ରଚନା ଓ ଅନୁବାଦ' ପୁସ୍ତକ ରଚନା କରି ଭାଷାବିତ ରଥ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ସକ୍ଷମ ହୋଇଛନ୍ତି । ତାଙ୍କ ଭାଷାଚର୍ଚ୍ଚାରେ ଶବ୍ଦସ୍ତରୀୟ ଆଲୋଚନା ମୁଖ୍ୟ ସ୍ଥାନ ଗ୍ରହଣ କରିଛି । 'ଧ୍ୱନ୍ୟାତ୍ମକ ଶବ୍ଦ' ଉପରେ ଅନେକ ଭାଷାବିତ୍ ଚିନ୍ତା କରିନାହାନ୍ତି । ଓଡ଼ିଆ ଭାଷାରେ ଏପରି ଏକ ଅର୍ଥକ୍ଷମ ଶ୍ରେଣୀର ଶବ୍ଦ ସଂପର୍କରେ ସେ ପ୍ରଥମେ ଚିନ୍ତା କରିଥିଲେ । ଏହା ତାଙ୍କର ପ୍ରଥମ ଓ ପ୍ରଧାନ ସ୍ୱାତନ୍ତ୍ର୍ୟ । ସେହିପରି 'ଗ୍ରାମ୍ୟ ଭାଷା' ସଂପର୍କରେ ଭାଷାବିତ ରଥଙ୍କ ପୂର୍ବରୁ କୌଣସି ଆଲୋଚନା ହୋଇଥିବାର ଦୃଷ୍ଟିଗୋଚର ହୁଏ ନାହିଁ । ପ୍ରାକୃତ ଆଧାରରେ ଶବ୍ଦର ମୂଳ ଅନୁସରଣ କରିବା କ୍ଷେତ୍ରରେ ମଧ୍ୟ ସେ ସମ୍ଭବତଃ ପ୍ରଥମ ଓଡ଼ିଆ ଭାଷାବିତ । ତାଙ୍କର ବହୁ ଭାଷାରେ ଜ୍ଞାନ ଥିବାରୁ ଭାଷାଚର୍ଚ୍ଚାବେଳେ ଓଡ଼ିଆ ଭାଷାକୁ ସଂସ୍କୃତ, ପାଲି, ପ୍ରାକୃତ, ଅପଭ୍ରଂଶ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ ଏବଂ ଇଂରାଜୀ ଭାଷା ସହିତ ତୁଳନା କରିଛନ୍ତି । ଏଥିରୁ ତୁଳନାତ୍ମକ

ଭାଷାବିଜ୍ଞାନୀର ପରିଚୟ ସ୍ପଷ୍ଟ । ମଧୁସୂଦନ ରାଓ, ଶ୍ୟାମସୁନ୍ଦର ରାଜଗୁରୁ ଓ ଗୋପୀନାଥ ନନ୍ଦଶର୍ମାଙ୍କ ତୁଲ୍ୟ ସେ ଓଡ଼ିଆ ଭାଷାଚର୍ଚ୍ଚା ପ୍ରତି ଯତ୍ନବାନ ଥିଲେ । ତାଙ୍କର ଭାଷାଚର୍ଚ୍ଚାରେ ଗବେଷକର ଜିଜ୍ଞାସୁ ଦୃଷ୍ଟି, ତଥ୍ୟାନୁସନ୍ଧାନଗତ ଐତିହାସିକ ସୁଲଭ ସତ୍ୟନିଷ୍ଠା, ଅନାସକ୍ତ ଦୃଷ୍ଟିଭଙ୍ଗୀ ଓ ବିଶ୍ଳେଷଣଗତ ନିପୁଣତା ତଥା ଆନ୍ତରିକତାର ଚିହ୍ନ ସର୍ବତ୍ର ପରିଲକ୍ଷିତ । ତେଣୁ ଭାଷାବିତ ଭାବରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ସ୍ଥାନ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାଶ, କୁଞ୍ଜବିହାରୀ- ଜୀବନାୟନ, କଟକ, ନାଳନ୍ଦା, ପ୍ରଥମ ସଂସ୍କରଣ-୧୯୭୮ ।

୨. ଦାଶ, ଗଗନେନ୍ଦ୍ରନାଥ- ଓଡ଼ିଆ ଭାଷାଚର୍ଚ୍ଚା ପରମ୍ପରା, ମଧୁପାଟଣା, କଟକ, ଓଡ଼ିଆ ଗବେଷଣା ପରିଷଦ, ପ୍ରଥମ ପ୍ରକାଶ- ୧୯୮୩ ।

୩. ପ୍ରଧାନ, ସବିତା- ଭାଷାଶୈଳୀ ଅବବୋଧ, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ-୨୦୦୫ ।

୪. ରଥ, ମୃତ୍ୟୁଞ୍ଜୟ-(କ) 'ଶବ୍ଦାର୍ଥ ଚର୍ଚ୍ଚା', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ, ୧୩୦୯ (୧୯୦୨) ।

(ଖ) 'ଶବ୍ଦାର୍ଥ ଚର୍ଚ୍ଚା(ପୂର୍ବାନୁବୃତ୍ତି)', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ତୃତୀୟ ସଂଖ୍ୟା ।

(ଗ) 'ଶବ୍ଦାର୍ଥ ଚର୍ଚ୍ଚା(୩)', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ଷଷ୍ଠ ସଂଖ୍ୟା, ଭାଦ୍ର, ୧୩୧୦ (୧୯୦୩) ।

(ଘ) 'ଖଣ୍ଡିଏ ପତ୍ର', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ନବମ ସଂଖ୍ୟା (୧୯୦୩) ।

(ଙ) 'ଶବ୍ଦାର୍ଥ ଚର୍ଚ୍ଚା', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ଦଶମ ସଂଖ୍ୟା, ପୌଷ, ୧୩୧୦ (୧୯୦୩) ।

(ଚ) 'ଭାଷା ରହସ୍ୟ', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ, ୧୩୧୦ (୧୯୦୩) ।

(ଛ) 'ଧ୍ୱନ୍ୟାତ୍ମକ ଭାଷା', ଉତ୍କଳ ସାହିତ୍ୟ, ଷଷ୍ଠ ଭାଗ, ବାରଶ ସଂଖ୍ୟା, ଚୈତ୍ର, ୧୩୧୦ (୧୯୦୩) ।

(ଜ) 'ଗ୍ରାମ୍ୟ ଭାଷା', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ଦ୍ୱିତୀୟ ସଂଖ୍ୟା, ଜେଷ୍ଠ, ୧୩୧୦ (୧୯୦୩) ।

(ଝ) 'ଓଡ଼ିଆ ଭାଷାର ମୂଳ', ଉତ୍କଳ ସାହିତ୍ୟ, ସପ୍ତମ ଭାଗ, ବାରଶ ସଂଖ୍ୟା, ଚୈତ୍ର, ୧୩୧୧ (୧୯୦୪) ।

(ଞ) 'ଓଡ଼ିଆ ଭାଷାର ମୂଳ (୨)', ଉତ୍କଳ ସାହିତ୍ୟ, ଅଷ୍ଟମ ଭାଗ, ପ୍ରଥମ ସଂଖ୍ୟା, ବୈଶାଖ, ୧୩୧୧ (୧୯୦୪) ।

(ଟ) 'ଓଡ଼ିଆ ଭାଷାର ମୂଳ (୩)', ଉତ୍କଳ ସାହିତ୍ୟ, ଅଷ୍ଟମ ଭାଗ, ଦ୍ୱିତୀୟ ସଂଖ୍ୟା, ଜେଷ୍ଠ, ୧୩୧୧ (୧୯୦୪) ।

(ଠ) 'ଶବ୍ଦ ରହସ୍ୟ', ଉତ୍କଳ ସାହିତ୍ୟ, ନବମ ଭାଗ, ଚତୁର୍ଥ ସଂଖ୍ୟା, ଶ୍ରାବଣ, ୧୩୧୨ (୧୯୦୫) ।

(ଡ) 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି', ଉତ୍କଳ ସାହିତ୍ୟ, ଊନବିଂଶ ଭାଗ, ଚତୁର୍ଥ ସଂଖ୍ୟା, ଶ୍ରାବଣ, ୧୩୨୨ (୧୯୧୫) ।

(ଢ) 'ଓଡ଼ିଆ ଭାଷାର ବର୍ତ୍ତମାନ ଅବସ୍ଥା ଓ ଗତି(୨)', ଉତ୍କଳ ସାହିତ୍ୟ, ଊନବିଂଶ ଭାଗ, ଚତୁର୍ଥ ଓ ପଞ୍ଚମ ସଂଖ୍ୟା, ଭାଦ୍ର, ୧୩୨୨ (୧୯୧୫) ।

(ଣ) 'ଓଡ଼ିଆ ବର୍ଣ୍ଣ ଓ ତହିଁର ଉଚ୍ଚାରଣ', ମୁକୁର, ତୃତୀୟ ଭାଗ, ଚତୁର୍ଥ ସଂଖ୍ୟା, ଶ୍ରାବଣ ।

(ତ) 'ଓଡ଼ିଆ ବର୍ଣ୍ଣର ଉଚ୍ଚାରଣ', ମୁକୁର, ତୃତୀୟ ଭାଗ, ପଂଚମ ସଂଖ୍ୟା ।

(ଥ) ପକେଟ ଓଡ଼ିଆ ଅଭିଧାନ, କଟକ ଟ୍ରେଡ଼ିଂ କମ୍ପାନୀ, ବାଲୁବଜାର, କଟକ ।

(ଦ) ଓଡ଼ିଆ ରଚନା ଓ ଅନୁବାଦ, ବାଲୁବଜାର, କଟକ, କଟକ ଟ୍ରେଡ଼ିଂ କମ୍ପାନୀ, ତୃତୀୟ ମୁଦ୍ରଣ- ୧୯୫୫ ।

(ଧ) ମୂଳ ଶବ୍ଦବୋଧିକା, ପ୍ରଥମ ସଂସ୍କରଣ- ୧୯୦୧ ।

୫. ରଥ, ମୃତ୍ୟୁଞ୍ଜୟ ଓ ମିଶ୍ର, ବାଞ୍ଛାନିଧି- ଓଡ଼ିଆ ପକେଟ ଅଭିଧାନ, ବାଲୁବଜାର, କଟକ, କଟକ ଟ୍ରେଡ଼ିଂ କମ୍ପାନୀ, ନୂତନ ସଂସ୍କରଣ-୧୯୫୮ ।



ଅଧ୍ୟାପକ, ଓଡ଼ିଆ ବିଭାଗ

ତୁଳସୀ ମହିଳା ମହାବିଦ୍ୟାଳୟ

କେନ୍ଦ୍ରାପଡ଼ା-୭୫୪୨୧୧

ଦୂରଭାଷ : ୮୭୦୯୪୦୫୦୭୦/

୯୭୫୮୦୧୫୪୫୪